# Akashvani, Sambalpur

## SAMBALPURI NEWS BULLETIN

### 20 September 2025 – 6.47- 6.52 am.

**************************************************

ପ୍ରଧାନ୍‌ମନ୍ତ୍ରୀ-ବ୍ରହ୍ମପୁର୍          ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ବ୍ରହ୍ମପୁର୍ ଜିଲ୍ଲାର୍ ରଙ୍ଗେଇଲୁଣ୍ଡା ଠାନେ ହେବାର୍‌କେ ଥିବା ସେବା ପର୍ବଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ । ଇତାର୍‌ସହେତେ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବାର୍ ସାଙ୍ଗେ କେତେଟା ନୂଆଁ କାର୍ଯ୍ୟକ୍ରମ୍ ଦେଶ୍‌ବାସୀଙ୍କର୍ ଲାଗି ଉତ୍ସର୍ଗ କର୍‌ବେ । ସେଥିର୍ ଭିତ୍‌ରେ ଦେଶର୍ ୮ ଟା ଆଇଆଇଟିର ଦକ୍ଷତା ବୃଦ୍ଧି, ସମ୍ବଲ୍‌ପୁର୍- ସର୍ଲା ଫ୍ଲାଏଓଭର୍ ଉଦ୍‌ଘାଟନ୍, ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍‌କେ ବିଶ୍ୱସ୍ତରର୍ ସୁପର୍‌ସ୍ପେଶାଲିଟି ଘୋଷ୍‌ନା, ସାରା ଦେଶେ ଦକ୍ଷତା ବିକାଶ୍ ପ୍ରକଳ୍ପର୍ ଉଦ୍‌ଘାଟନ୍, ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ୫୦ ହଜାର୍ ହିତାଧିକାରୀଙ୍କୁ ସାହାଜ୍ ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।  ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି

ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ରାଜ୍ୟ ସାର ଥିତି ସମୀକ୍ଷା I&PR

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟର୍ ସାର ଥିତି ସମୀକ୍ଷା କରିଛନ୍ । ରାଏଜେ ସାର ଯୋଗାଣର୍ ଥିତିଥି ଇହାଦେ ସୁଧାର୍ ଆସିଛେ ଆଉ ସବୁ ଜିଲ୍ଲାକେ ଦର୍‌କାର୍ ହିସାବେ ସାର୍ ଯୁଗେଇ ଦିଆଯାଉଛେ ବଲି ବୈଠକ୍‌ଥି କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ କହିଛନ୍ । ସେ କହିଛନ୍, ଖରିଫ୍ ଋତୁ ମୁଲ୍ ହଉନ୍ ସାର୍ ରାଜ୍ୟର୍ ଲାଗି ୧୦ ଲାଖ୍ ମେଟ୍ରିକ୍ ଟନ୍ ସାର୍ ଦର୍‌କାର୍ ବଲି ପ୍ରସ୍ତାବ୍ ଥିଲା ବେଲ୍‌କେ ସେପ୍ଟେମ୍ବର୍ ୧୭ ତାରିଖ୍‌ତକ୍ ରାଜ୍ୟକେ ୧୧ ଲାଖ୍ ୯୮ ହଜାର୍ ୫ ଶହ ୭୨ ମେଟ୍ରିକ୍ ଟନ୍ ସାର୍ ଯୁଗେଇ ଦିଆଯାଇଛେ । ଇ ମାସ୍ ଶେଷ୍‌ତକ୍ ଆହୁରି ୩୦ ହଜାର୍ ୯ ଶହ ମେଟ୍ରିକ୍ ଟନ୍ ସାର୍ ଆନ୍‌ବାର୍‌କେ ଯୋଜ୍‌ନା କରାଯାଇଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ରାଜନୈତିକ ଦଲ୍-ତାଲିକାନୁ ବାଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ନିର୍ବାଚନ୍ ଆୟୋଗ ଗଲାକାଏଲ୍ ଦେଶର୍ ୪ ଶହ ୭୪ ଟା ମାଏନ୍ତା ନାଇଁ ପାଇଥିବା ପଞ୍ଜିକୃତ ରାଜନୈତିକ ଦଲ୍‌କେ ତାଲିକାନୁ ହଟେଇଛନ୍ । ଇ ଦଲ୍‌ମାନେ ଗଲା ୬ ବଛର୍ ହେଲା କେନ୍‌ସି ନିର୍ବାଚନ୍ ନାଇଁ ଲଢ଼ି । ଇତାର୍ ସହେତେ ଗଲା ୮ ମାସ୍ ଭିତ୍‌ରେ ଆୟୋଗ୍ ୮ ଶହ ୮ ଟା ଦଲର୍ ପଞ୍ଜିକରଣ୍‌କେ ଭିଲ୍ ରଦ୍ଦ କରିଛନ୍ ।

ଜାତୀୟ ରାଜପଥ- ବର୍‌ଗଡ଼ ରାସ୍ତା      ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ରାଜପଥ୍ରେ ସାମିଲ୍ ହେବା ବଲାଙ୍ଗିର-ନୂଆପଡ଼ା ଭାୟା ବର୍‌ଗଡ୍ ରାସ୍ତା । ଇ ରାସ୍ତାକେ ଜାତୀୟ ରାଜପଥ୍ରେ ସାମିଲ୍ କର୍‌ବାର୍ ଲାଗି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜପଥ ମନ୍ତ୍ରଣାଳୟ ପାଖେ ଦାବି କରିଥିଲେ । ଇତାକେ ବିଭାଗୀୟ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ଗଲାକାଏଲ୍ ଅନୁମୋଦନ୍ କରିଛନ୍ ବଲି ଶ୍ରୀ ପୁରୋହିତ୍ ସୂଚ୍‌ନା ଦେଇଛନ୍ ।

ବିଶ୍ୱ ବେଙ୍କ୍ ଦଲ୍      I&PR

ବିଶ୍ୱ ବେଙ୍କ୍‌ର ଗୁଟେ ଦଲ୍ ଗଲାକାଏଲ୍ ଓଆଇଆଇପିସିଏ ର ପ୍ରକଳ୍ପ ନିର୍ଦ୍ଦେଶକ ଆଉ ଅଲ୍‌ଗା ଅଧିକାରୀମାନ୍‌କର୍ ସାଙ୍ଗେ  ହରିଚନ୍ଦନ୍‌ପୁର୍ ବ୍ଲକ୍ ମା କାଳିଜାଇ ପିଜି ନ ଥିବା କୃଷି ଉତ୍ପାଦନ୍ କ୍ଲଷ୍ଟର୍ ବୁଲି ଦେଖିଛନ୍ । ବିଶ୍ୱବେଙ୍କ୍ ଦଲ୍ ମହିଲାଚାଷୀମାନ୍‌କର୍ ଚାଷ୍ ପଦ୍ଧତି, ବ୍ୟବସାୟ ଆଉ ଆର୍ଥିକ୍ ଥିତି ପଚ୍‌ରେଇ ବୁଝିଛନ୍ । ମହିଲାମାନ୍‌କର୍ ଚାଷ୍‌ବାସ୍ ପଦ୍ଧତି ଦେଖିକରି ବିଶ୍ୱବେଙ୍କ୍ ଦଲ୍ ପ୍ରଶଂସା କରିଛନ୍ । କୃଷକ ଉତ୍ପାଦକ କ୍ଲଷ୍ଟର୍ ଚାଷୀମାନ୍‌କୁ ଆର୍ଥିକ୍ ଭାବେ ସ୍ୱାବଲମ୍ବୀ କରିପାରୁଛେ ବଲି କହିଛନ୍ ।

ସେବା ପର୍ବ          ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ  ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶର୍ ସ୍ୱାସ୍ଥ୍ୟ ବ୍ୟବସ୍ଥାଥି ବହୁତ୍‌ଟେ ପରିବର୍ତ୍ତନ୍ ଆସିଛେ । ୨୦୧୮ ମସିହା ବେଲ୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପୁରଥିର୍ ସବୁନୁ ବଡ଼ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନାର୍ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାର୍ ଶୁଭାରମ୍ଭ କରିଛନ୍ । ଯୋଜ୍‌ନାଥି ଦେଶର୍ ଫି' ପରିବାର୍‌କେ ୫ ଲାଖ୍ ଟଙ୍କା ଲେଖା ସ୍ୱାସ୍ଥ୍ୟ ବୀମା ଯୁଗେଇ ଦିଆଯାଇଛେ ।  ଗଲାବଛର୍ ଅକ୍ଟୋବର୍ ୨୯ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀ ନ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ୭୦ ବଛର୍‌ନୁ ଅଏତ୍‌କା

ବୟସର୍ ଲୁକ୍କର୍ ଲାଗି ଆୟୁଷ୍ମାନ୍ ବୟୋବନ୍ଦନ ଯୋଜ୍ନା ଶୁଭାରମ୍ଭ କରିଛନ୍ ।
(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଜିଲ୍ଲାପାଲ୍-ମହିଲା, ଶିଶୁ ବିକାଶ୍ ବିଭାଗ ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଗଲାକାଏଲ୍ ଜିଲ୍ଲା ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍‌ର କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ଜିଲ୍ଲା ନ ମାତୃ ଆଉ ଶିଶୁ ମୃତ୍ୟୁ ହାର ରୁକ୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ହର୍ ରକ୍‌ମର୍ ଜରୁରୀ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଜିଲ୍ଲାପାଲ୍ ଅଙ୍ଗନ୍‌ବାଡ଼ି କେନ୍ଦ୍ର, ସୁଭଦ୍ରା ସାହାଜ୍ ବାବ୍‌ଦେ ଭିଲ୍ ସମୀକ୍ଷା କରିଛନ୍ ।

ଜିଲ୍ଲାପାଲ୍ - ବେଙ୍କ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧକ୍ଷତାଥି ଜିଲ୍ଲାସ୍ତରୀୟ ଅଗ୍ରଣୀ ବେଙ୍କ୍ ଆଉ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ୍‌ର ପରାମର୍ଶଦାତା କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରତିଷ୍ଠାନ୍‌ର ଗଲା ୩ ମାସ୍‌ର ସମୀକ୍ଷା ହେଇଥିଲା । ଇ ଆର୍ଥିକ୍ ବଛ୍‌ରେ ଜୁନ୍

ମାସ୍ତକ୍ ପ୍ରତିଷ୍ଠାନ୍ ତର୍ଫୁ ୯ ଟା  ଶିବିର୍ ଜରିଏ ୩ ଶହ ୯ ଜନ୍ ହିତାଧିକାରୀଙ୍କୁ ତାଲିମ୍ ଦିଆଯାଇଛେ ।

ନେସ୍ନାଲ୍ ଜିଓଗ୍ରାଫି ପତ୍ରିକା        ଆର୍ଏନ୍ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟସ୍ତରର୍ ପତ୍ରିକା ନେସ୍ନାଲ୍ ଜିଓଗ୍ରାଫି ର ପହେଲା ପୃଷ୍ଠାଥି ଶିମିଲିପାଲ୍ ନ ବିରଳ କଳାବାଘ ଠାନ୍ ପାଇଛେ । ଇଥି ଶିମିଲିପାଲ୍ର କଳାବାଘ ମାନ୍କର୍ ବାବ୍ଦେ ଆଉ ଓଡ଼ିଶା ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍ଫୁ ବାଘ ସ୍ଥାନାନ୍ତର୍ ପ୍ରକ୍ରିୟା ବାବ୍ଦେ ଗୁଟେ ସୁନ୍ଦର୍ ଆଲେଖ୍ୟ ପ୍ରକାଶ୍ ପାଇଛେ । ଅନ୍ତର୍ଜାତୀୟ ସ୍ତରର୍ ପତ୍ରିକାଥି ଶିମିଲିପାଲ୍ ଆଉ ସେନର୍ ବାଘ୍ ମାନ୍କର୍ କାହାଣୀ ପ୍ରକାଶିତ୍ ହେବାର୍ଟା ରାଜ୍ୟ ଆଉ ଦେଶର୍ ଲାଗି ଗୌରବର୍ ବିଷେ ଆଏ । ଓଡ଼ିଶା ପର୍ଯ୍ୟଟନ୍ ଆଉ ଶିମିଲିପାଲ୍ ଅଭୟାରଣ୍ୟକେ ଇଟା ଗୁଟେ ନୂଆଁ ଦିଗନ୍ତ ଦେବା ବଲି ଜଙ୍ଗଲ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଦେଇଛନ୍ ।